# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14th February - 2025

************************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଆଜି ଦ୍ୱିତୀୟାର୍ଦ୍ଧରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ହେଲା ଧନ୍ୟବାଦ ପ୍ରସ୍ତାବ ।

- ଲକ୍ଷପତି ଦିଦି ସହାୟିକା ଯୋଜନାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ବକେୟା ପାରିଶ୍ରମିକ ପ୍ରଦାନପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ।

- ଢେଙ୍କାନାଳର ଯୋରନ୍ଦା ମହିମା ଗାଦି ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ; ସାଧୁସନ୍ଥଙ୍କ ସହ ମନ୍ଦିରର ବିକାଶ ନେଇ ଆଲୋଚନା ।

ଏବଂ

- ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ସହିଦଙ୍କୁ ଦେଶବାସୀଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ ।

***BBSR/R***

## ବିଧାନସଭା

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିବୃତ୍ତି

ପ୍ରଦାନ କରିଥିଲେ । ଏହାପରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ପ୍ରସ୍ତାବକୁ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ସମର୍ଥନ ଜଣାଇଥିଲେ । ଏହାପରେ ମୁଖ୍ୟ ସଚେତକ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ସୂଚନା ଅନୁସାରେ ଆଜି ପ୍ରଥମାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହ ସ୍ୱଳ୍ପ ସମୟପାଇଁ ଚାଲିଥିଲା । ତେବେ ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଥିଲା ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***BBSR/R***

# ଲକ୍ଷପତି ଦିଦି ସହାୟିକା ଯୋଜନା

ରାଜ୍ୟ ସରକାର ଲକ୍ଷପତି ଦିଦି ସହାୟିକା ଯୋଜନାର ଘୋଷଣା କରିଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଏହି ନୂତନ ଯୋଜନାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କୁ ପାରିଶ୍ରମିକ ବାବଦ ଅର୍ଥ ପ୍ରଦାନ କରାଯିବ । ଏହି ନିଷ୍ପତ୍ତିଦ୍ୱାରା ୬୨ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଗତ ଏପ୍ରିଲ୍ ମାସରୁ ବକେୟା ଥିବା ପାରିଶ୍ରମିକ ପାଇପାରିବେ । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି

ସୃଷ୍ଟିପାଇଁ ଲକ୍ଷ୍ୟ ରଖିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କର ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ସରକାରଙ୍କ ଏହି ଘୋଷଣା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

***Voice* :........**

***Dhenkanal/R***

# ମୁଖ୍ୟମନ୍ତ୍ରୀ - ଯୋରନ୍ଦା ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଢେଙ୍କାନାଳସ୍ଥିତ ଜୋରନ୍ଦା ମହିମା ଗାଦି ପରିଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋରନ୍ଦାରେ ପହଞ୍ଚିବା ପରେ ଧୂନି ମନ୍ଦିର ପରିଦର୍ଶନ କରିଥିଲେ । ଏହାପରେ ସାଧୁସନ୍ଥଙ୍କ ସହ ମହିମା ଗାଦିର ଉନ୍ନତି ତଥା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ସନ୍ଧ୍ୟାରେ ମାଘ ମେଳାରେ ଝାଡ଼ ଅଗ୍ନିରେ ମହିମା ଗୋସାଇଁଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି ।

***IPR***

# ଦକ୍ଷତା କର୍ମଶାଳା

ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକଶିତ ପଞ୍ଚାୟତପାଇଁ ଦକ୍ଷତା ବିକାଶ କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ କହିଛନ୍ତି, ଏକ ସୁଦୃଢ଼ ଗ୍ରାମପଞ୍ଚାୟତ ବିକଶିତ ଓଡ଼ିଶାର ମୂଳପିଣ୍ଡ । ବିକଶିତ ପଞ୍ଚାୟତ ଗଠନଦ୍ୱାରା ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଶ୍ରୀ ନାଏକ କହିଛନ୍ତି, ମିଶନ କର୍ମଯୋଗୀରେ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯାଉଛି । ଏଥିରେ ଓଡ଼ିଶାର ବିଭିନ୍ନ ଗ୍ରାମପଞ୍ଚାୟତରେ ଦକ୍ଷତା କର୍ମଶାଳା ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ୧୫ଟି ପଞ୍ଚାୟତର ଜନପ୍ରତିନିଧି ଏବଂ ଅଧିକାରୀମାନେ ପ୍ରଶିକ୍ଷଣ ନେଇଛନ୍ତି ।

***Desk***

## ମତ୍ସ୍ୟ-ପ୍ରାଣ ସମାବେଶ

ଭୁବନେଶ୍ୱରସ୍ଥିତ ବିଜୁପଟ୍ଟନାୟକ ପଡ଼ିଆରେ ଆଜିଠାରୁ 'ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୫' ଆରମ୍ଭ ହୋଇଛି । ସମ୍ମିଳନୀରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାର କୃଷକଙ୍କ ବିକାଶ ଲାଗି ବିଭିନ୍ନ ପଦକ୍ଷେପ ନେଉଛନ୍ତି । ପ୍ରାଣୀପାଳକଙ୍କ ଆୟକୁ ଦ୍ୱିଗୁଣିତ କରିବା ଲାଗି ପ୍ରୋତ୍ସାହନ ଦିଆଯାଉଛି । ଚାଷୀଙ୍କ ସଶକ୍ତିକରଣ ପାଇଁ ବିଭିନ୍ନ ନୂତନ ଯୋଜନା ଆରମ୍ଭ କରାଯାଇଛି । କୃଷକଙ୍କ ଆୟ ବୃଦ୍ଧି ହେଲେ ଓଡ଼ିଶାର ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ମନ୍ତ୍ରୀ

ଶ୍ରୀ ମଲ୍ଲିକ କହିଛନ୍ତି । ଏହି ଉପଲକ୍ଷେ ଆଜି ସକାଳେ ଓ.ୟୁ.ଏ.ଟି. ବିଶ୍ୱବିଦ୍ୟାଳୟଠାରୁ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆ ପର୍ଯ୍ୟନ୍ତ ଏକ ୱାକଥନ୍ ଅନୁଷ୍ଠିତ ହୋଇଥିଲା ।

***Desk***

## ପୁଲ୍‌ୱାମା ଆକ୍ରମଣ

ଜାମ୍ମୁ କାଶ୍ମୀରର ପୁଲୱାମା ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣକୁ ଆଜି ୬ ବର୍ଷ ପୂରଣ ହୋଇଛି । ଏଥିରେ ୪୦ ଜଣ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ । ୨୦୧୯ ମସିହାରେ ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସେମାନଙ୍କ ବଳିଦାନ ଏବଂ ଦେଶ ପ୍ରତି ଅତୁଟ ସମର୍ପଣକୁ ଆଗାମୀ ପିଢ଼ି କେବେ ବି ଭୁଲିପାରିବେ ନାହିଁ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲୱାମା ସହିଦଙ୍କୁ ଶ୍ରଦ୍ଧଞ୍ଜଳି ଜ୍ଞାପନ କରିବା ସହିତ ସହିଦ ମାନଙ୍କ ଦେଶପ୍ରତି ସମର୍ପଣ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଲୱାମା ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜବାନମାନଙ୍କ ବଳିଦାନ ଏବଂ ବୀରତା ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ ପାଇଁ ନିରନ୍ତର ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ।

***BBSR/R***

# ବି.ଜେ.ପି. କୋର୍ କମିଟି

ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଦଳର କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି । ବିଭିନ୍ନ ନିଗମ, ବୋର୍ଡ଼, କମିଶନ ଓ ଜିଲ୍ଲା ଯୋଜନା ବୋର୍ଡ଼ ନିଯୁକ୍ତିକୁ ନେଇ ବୈଠକରେ ଆଲୋଚନା ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏଥିସହ ସାଙ୍ଗଠନିକ ନିର୍ବାଚନ, ରାଜ୍ୟ ସଭାପତି ଚୟନକୁ ନେଇ ମଧ୍ଯ ବୈଠକରେ ଆଲୋଚନା କରାଯାଇଛି । ୮ ମାସ ମଧ୍ୟରେ ସରକାରଙ୍କ କାର୍ଯ୍ୟଧାରା ସମେତ ସରକାର ଓ ସଙ୍ଗଠନ ମଧ୍ୟରେ କିଭଳି ସମନ୍ୱୟ ରହିବ, ସେନେଇ ଆଲୋଚନା କରାଯାଇଥିଲା ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମତେ ଅନ୍ୟ ବରିଷ୍ଠ ନେତା ଯୋଗ ଦେଇଥିଲେ ।

***Desk***

# କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ପଞ୍ଚମ କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ କଟକର

ନେତାଜୀ ବସ୍ ଟର୍ମିନାଲ୍ ପରିସରରେ ଆସନ୍ତାକାଲିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଗୋଟିଏ ସ୍ଥାନର ଯୁବବର୍ଗ ଭିନ୍ନ ଏକ ସ୍ଥାନର ସାଂସ୍କୃତିକ, ଧାର୍ମିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ଆଦି ସମ୍ପର୍କରେ ଜାଣିବା ଉଦ୍ଦେଶ୍ୟରେ ଏହି ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଚଳିତ ଥର କାର୍ଯ୍ୟକ୍ରମରେ କାଶ୍ମିର ଉପତ୍ୟକାର ୬ଟି ଜିଲ୍ଲାର ପ୍ରାୟ ୧୩୨ ଜଣ କାର୍ଯ୍ୟକ୍ରମରେ ଯୋଗଦେବେ । ସେମାନେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବେ ବୋଲି ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଅଧିକାରୀ ବିପିନ କୁମାର ସୂଚନା ଦେଇଛନ୍ତି ।

***Gajapati/R***

# ଶ୍ରମିକ କଲ୍ୟାଣ ସମାରୋହ

ଗଜପତି ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ପାରଳାଖେମୁଣ୍ଡିଠାରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଏବଂ ପଞ୍ଜୀକରଣ ପତ୍ର ଓ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୪୪୫ ଜଣଙ୍କୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ।

***Boudh/R***

# ପ୍ରାକୃତିକ ବିପର୍ଯ୍ୟୟ ବୈଠକ

ବୌଦ୍ଧ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ମୁକାବିଲା ସମ୍ପର୍କିତ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୁବ୍ରତ୍ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଗ୍ରୀଷ୍ମଋତୁରେ ପାନୀୟ ଜଳ ସଙ୍କଟ, ଅଚଳ ନଳକୂପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଓ.ଆର୍.ଏସ୍. ପ୍ୟାକେଟ୍ ମହଜୁଦ ରଖିବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

***Sonepur/R***

# ଖଲିଆପାଲି - ମାଘମେଳା

ସୁବର୍ଣ୍ଣପୁର ଜିଲ୍ଲା ଖଲିଆପାଲି ଗାଁର ସନ୍ଥକବି ଭୀମଭୋଇଙ୍କ ସମାଧିପୀଠରେ ୫ ଦିନ ଧରି ଚାଲିଥିବା ମାଘମେଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ମହିମାଧର୍ମୀ ସାଧୁସନ୍ଥଙ୍କ ସହ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଅବସରରେ ୫ ଦିନ ବ୍ୟାପୀ ଭୀମଭୋଇଙ୍କ କାବ୍ୟକବିତାକୁ ନେଇ ସାରସ୍ୱତ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

*Puri/R*

# ସେବାୟତ ପ୍ରିମିୟର୍ ଲିଗ୍

ପୁରୀ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ସେବାୟତ ପ୍ରିମିୟର୍ ଲିଗ୍ କ୍ରିକେଟ୍ ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ୨୨୪ ଜଣ ଶ୍ରୀମନ୍ଦିର ସେବାୟତ ସାମିଲ୍ ହେବ ।

*Ganjam/R*

# ରାଜସ୍ୱ ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବସୁନ୍ଧରା ଯୋଜନା ଅନ୍ତର୍ଗତ ଚିହ୍ନଟ ହୋଇଥିବା ଭୂମିହୀନଙ୍କୁ ତୁରନ୍ତ ଜମିପଟ୍ଟା ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏଥିସହ ସରକାରୀ ଜମି ଜବରଦଖଲକାରୀଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବେଆଇନ ମଦ ଚୋରାଚାଲାଣ ରୋକିବା, ସଡ଼କ ଦୁର୍ଘଟଣା ହ୍ରାସପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

*Sambalpur, Malkangiri, BBSR/R*

# ଏଥର କିଛି ସମ୍ବାଦ ସଂକ୍ଷେପରେ...

- ସମ୍ବଲପୁରସ୍ଥିତ ବୁର୍ଲା ଭୀମ୍‌ସାର ସେମିନାର୍ ହଲ୍‌ରେ ଆଜି ଫୁଲ୍‌ଓ୍ୱାମା ସହିଦ୍‌ଙ୍କପାଇଁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି । ଏଥିରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

- ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶ୍ରମ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସଚେତନତା ରଥର ଶୁଭାରମ୍ଭ ହୋଇଛି ।

- ସମ୍ବଲପୁର ଜିଲ୍ଲା ଯୁଯୁମରା ବ୍ଲକ୍‌ର କବରାପାଲି ସମଗ୍ର ରାଜ୍ୟରେ ଅଟଳ ପେନ୍‌ସନ୍ ଯୋଜନାରେ ଶତ ପ୍ରତିଶତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରିଥିବା ଗ୍ରାମ ହୋଇଛି । ଏହି ପରିପ୍ରେକ୍ଷୀରେ ଗ୍ରାମରେ ସାମାଜିକ ସୁରକ୍ଷା ସମାବେଶ ଅନୁଷ୍ଠିତ ହୋଇଥିଲା ।

- ଭୁବନେଶ୍ୱରସ୍ଥିତ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ବିଜ୍ଞାନ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନେଇ ଭାବ ବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

*Desk*

# ପାଣିପାଗ

ରାଜ୍ୟରେ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟର କେତେକ ସ୍ଥାନରେ ଆସନ୍ତା ୧୯ ତାରିଖରୁ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

*****